ଦ୍ରୌପଦୀ ଅଷ୍ଟନାୟିକା

ଶ୍ରୀ ଭାଗିରଥିନାପତଙ୍କ ଦ୍ୱାରା

ସଂଶୋଧିତ ଓ

ଶ୍ରୀ ଅଜୟକୁମାର ଘୋଷଙ୍କ ଦ୍ୱାରା

ପ୍ରଥମବାର ପ୍ରକାଶିତ ।

ପ୍ରାପ୍ତିସ୍ଥାନ ଃ—

କୋହିନୂର୍ ଷ୍ଟୋର୍

ଚୌଧୁରୀବଜାର, କଟକ ।

ମୂଲ୍ୟ ୮ ୦ /୬ ଛ ପଇସା ମାତ୍ର

GPNanda Colln., Digitized by srujanika@gmail.com

ଚୌପଦୀ ଅଷ୍ଟନାୟିକା ।

ଅଷ୍ଟ ନାୟିକାଙ୍କ ନାମ

(୧) ସ୍ୱାଧୀନ ଭର୍ତ୍ତୃକା । (୨) ପ୍ରୋଷିତଭର୍ତ୍ତୃକା (୩) ବିପ୍ରଲବ୍ଧା । (୪) ବିରହୋତ୍କଣ୍ଠିତା (୫) ଅଭିସାରିକା । (୬) ବାସକସଜ୍ଜା । (୭) ଖଣ୍ଡିତା । (୮) କଳହାନ୍ତରିତା ।

ସ୍ୱାଧୀନ ଭର୍ତ୍ତୃକା ଲକ୍ଷଣ

କୃଷ୍ଣଃ ନବଘନଶ୍ୟାମଃ ସ୍ୱଧା ରାଧାଦୁଃଖାନ୍ୱିତଃ
କାରୁଣ୍ୟ ବାଣୀ ଭୂଷେନ ତଥା ସ୍ୱାଧୀନଭର୍ତ୍ତୃକା ।

ନାଗରୀ ଦୁର୍ଲଭ ଗୁଣେ ହୋଇ ବଶୀଭୂତ,
ନାଗର ତାହାର ପାଶୁଁ ନୁହେ ଅନ୍ତର୍ହିତ,
ସ୍ୱାଧୀନଭର୍ତ୍ତୃକା ଅଟେ ସେ ନାଗରୀରତନ,
ରମଣୀ ଲଲାମମଣି ଧନ୍ୟ ତା ଜୀବନ ।

କୀର୍ତ୍ତନ

ଶ୍ରୀରାଧା— ଗୀତ

ପରଶେ ପରଶ ବନ୍ଧା ଦୁହିଁଙ୍କର ଶିଶୁକାଳୁ ମାଧବେ ଗୋ,
ଘନ ଜନ୍ମକାଳ ଗଢ଼ି ଅଛନ୍ତି ଦେହ ନଜାଣେ କେଉଁ ଧାତୁ । ୧ ।
ନାହିଁ ଗୋ ଉପମା ତାଙ୍କ ପୀତଧର ତନୁଭୂଷଣ, ବାହାର,
ଜାଣେ ମୁହିଁ ଭଲେ ସବୁ ଗୁଣ ସେହି ମୋତେ କରିଛନ୍ତି ଦାସ । ୨ ।
ମୋ ଅଙ୍ଗ ବରଣ କାଞ୍ଚନ ସଙ୍ଗାତ ପିନ୍ଧିଅଛନ୍ତି ପୀତବାସ,
ମୋତେ ଦେଖିବାକୁ କଦମ୍ବ ତଳରେ ଜଗିଥାନ୍ତି ଗୁଣି ନାଥ । ୩ ।

GPNanda Colln., Digitized by srujanika@gmail.com

ରହିଥାନ୍ତି ବଂଶୀ ଶୁଣିବେ ସବଦା ଗାଇବାକୁ ମୋର ନାମ,
ରଞ୍ଜନ ବଚନ ଶୁଣି ସୁଖଜନେ ଭ୍ରମନ୍ତି ସେ ଘନଶ୍ୟାମ । ୪ ।
ଅନ୍ତର ମୋ ଅଙ୍ଗ ବରଣ ଦେଖିବ ଚେଞ୍ଜି ଦାଗୁ ଅଟେ ବନ୍ଧୁ,
ଚାତୁର ମୋହନ ବାନ୍ଧୁ ପ୍ରସାରଣ ଦେଖେ ଯାଉଥାନ୍ତି ଧାଇଁ । ୫ ।
କେତେକାଳ ତପ କରିଥିଲି ପୂର୍ବେ ଶୁଣ ଗୋ ମରମ କଥା,
ଧୂଳିର ଦେଖି ସେ ନାଗର ଦଇଲେ ମୋହର ପାଦେ ଅଳତା । ୬ ।
ଧୂଆଁର ଭଲେ ନ ଶୁଅନ୍ତି କେବେ ସ୍ୱପନରେ ଦେଖିଲେ କେବେ,
ନେଶେ ରଙ୍ଗେ, ମୁଖେ ମୁଖେ, ଯାହେ ସତ ଅତୁଳନ ସୁଖ ଭବେ । ୭ ।
ନିତି ଅବସରେ ଭୂଲିକା ଦେଇ ବାନ୍ଧନ୍ତି ଗୋ ଦୃଢ଼କରି,
ଦିନି ପ୍ରେମପାଶ ଅଛଇ ସଜନ ଢ଼ ଦେବ ତାଙ୍କ ସର । ୮ ।

କୀର୍ତ୍ତନ

ଶ୍ରୀରାଧା— ଗୀତ

ଜୀବନେ ଯୌବନେ ବନ୍ଧୁ, ଜୀବନେ ମରଣେ,
ହୃଥ ପ୍ରାଣବନ୍ଧୁ ତୁମ୍ଭେ ମିଳନ ରହିଥ୍ୟୋ । ୧ ।
ତୁମ୍ଭେ ସେ ପରଶମଣି ପରଶେ ତୁମ୍ଭର,
ସୁନାରି ବରଣ ଅଙ୍ଗ ହୋଇଛି ମୋହର । ୨ ।
ହାତ ଦରପଣ ତୁମ୍ଭେ ଶିରେ ଗୁଞ୍ଜା ଫୁଲ,
ନୟନ ଅଞ୍ଜନ ପୁଣି ବଦନ ତାମ୍ବୁଳ । ୩ ।
କୁଚଯୁଗ ମୃଗମଦ ସର୍ବସ୍ୱ ଦେହରି,
ଉରଜ କେଦାର ଗନ୍ଧ ମାଳ-ଭୂଷଣର । ୪ ।
ଏ ମୋହିନୀ ଜାଣ ତୁମ୍ଭେ ବ୍ରଜପୁର ପତି,
ଝୁମ୍ପ ଲଗି କଲି ସଖୀ ଦନ, ଦନ ରାତି । ୫ ।
ତୁମ୍ଭ ପ୍ରୀତି-ସ୍ୱତ ଚେତନ ନ ଥାଇଲି ଜାଣି,
କେ କଲ ନିଷ୍ଠୁର କେ କହ ବଂଶୀପାଣି ? ୬ ।

GPNanda Colln., Digitized by srujanika@gmail.com

ଛୁଡିବ ଟିକେ ଦୟା ହେବେ କାହ୍ନୁଙ୍କୁ ଷଣ୍ଢେ ।
ଠ' ଅଦ୍ଧୋର ଦେଖ ପ୍ରାଣ ଛଳନର ଚରଣେ । ୭ ॥

ଶ୍ରୀକୃଷ୍ଣ — ଗୀତ

ଭୁଲି ପଦ୍ମପାଦେ ମନ ରଖିଥାଉ ଅହେ ପ୍ରାଣବନ୍ଧୁ ।
ରୂପ ଗୁଣ ଚିନ୍ତା କରି ପ୍ରାଣଧାରି ॥
ସଂସାରରେ ତୁମ୍ଭେ ସାରଧନ
ତେଣୁ ରହା ନାହିଁ ଶନ୍ତ ଅନ,
ଚନ୍ଦ୍ରପଦେ ବନ୍ଧ ଏ ଜୀବନମନ
ଦେହରକ୍ଷାର କଷ୍ଟ ନାହିଁ ଆଉ । ୧ ॥
ସ୍ୱପନେ, ଶୟନେ, ଜାଗରଣେ,
ଦେଖୁଥାଇ ରୂପ ଅନୁକ୍ଷଣେ
ମଧୁର ବଚନେ କାନ ଥାଏ ଶୁଣି
(ଚିତ୍ତ) ସେବାକରି ମୋର ଲାଗିଥାଇ । ୨ ॥

ପ୍ରୋଷିତଭର୍ତ୍ତୃକା ଲକ୍ଷଣ

ନାନାକାର୍ଯ୍ୟ ବଶାଦ୍ ଯସ୍ୟା ଦୂରଦେଶ ଗତୋ ପତିଃ ।
ସା ମନୋଭବ ଦୁଃଖାର୍ତ୍ତା ଭବେତ୍ ପ୍ରୋଷିତଭର୍ତ୍ତୃକା ॥
କାର୍ଯ୍ୟବଶରୁ ନାୟକ ଅଟି ନ ପାରଇ,
ନାଗରୀମଣି ହେବେନ ଦୁଃଖରେ କଟଇ ।
ପ୍ରୋଷିତ ଭର୍ତ୍ତୃକା ଅଟେ ସେ ନାଗରୀଜନ ।
ତା କାନ୍ତ ବିଦେଶ କହିଥାନ୍ତି ବୁଧଗଣ ।

ଶ୍ରୀରାଧା — ଗୀତ

ଏତେ ଭାଗ୍ୟ କାହୁଁ ହେବ ? ବଡ଼ ଅଭାଗିନୀ,
ପର କର ଦେଲେ ପଣ ତେଣୁ ଚୁମ୍ବେଣି ?
ଗୁଣନନ୍ଦିନୀ ଗୋ, ବୃନ୍ଦାବନେଶ୍ୱରୀ ଗୋ । ୧ ॥

GPNanda Colln., Digitized by srujanika@gmail.com

ଏତେକର ନପାଇଲି ଯାହାଙ୍କର ମନ,
ସେକି ଗୋ ମୋହର ହେବେ ? ଚିନ୍ତା ଅକାରଣ ।
ପ୍ରାଣମିତଣି, ହୃଦ ତୋଷିଣି ଗୋ ।୨।
ବଡ଼ ଅଦ୍ଭୁତ କଥା ଅଛଇ ଭ୍ରମର,
ନ ଆସିଲେ ପଦ୍ମ ମୋତେ ନକର ଝାଉର ।
ପ୍ରାଣମିତଣି ଗୋ ହୃଦତୋଷିଣି ଗୋ ।୩।
ମୋହର ଜୀବନେ କେବେ ଅଛି ପ୍ରୟୋଜନ,
ଯାଇ ସେ ନନ୍ଦନାଗରେ ଆଣ ମୋ ବନ୍ଧନ ।
ପ୍ରାଣମିତଣି ଗୋ, ହୃଦତୋଷିଣି ଗୋ ।୪।
ନ ଦେଖିଲେ ନ ରହିବ ଅଙ୍ଗ ମୋର ପ୍ରାଣ,
କେନ ନିବେଦନ ସହି ତୁମ୍ଭଙ୍କୁ ମୋ ଶରଣ ।
ପ୍ରାଣମିତଣି ଗୋ, ହୃଦତୋଷିଣି ଗୋ ।୫।
କି କହିବ କରୁଅଛ ଉପଚାର ଯେତେ,
ଅନଳ କଣା ସମାନ ଲାଗଇ ସେ ମୋତେ ।
ପ୍ରାଣମିତଣି ଗୋ, ହୃଦ ତୋଷିଣି ଗୋ ।୬।

ବିପ୍ରଲବ୍ଧା ଲକ୍ଷଣ

କୃତ୍ୱା କୁହାରୁ ସଙ୍କେତଂ ଯସ୍ୟ ନାୟାତି ସନ୍ନିଧିଂ ।
ବିପ୍ରଲବ୍ଧା ତୁ ସା ଜ୍ଞେୟା ନିତାନ୍ତ ଅବମାନିତା ।
ସଙ୍କେତ କରି ନାୟକ ଯେଉଁ ନରଶାଳୁ,
ନ ଆସି ନିରାଶ କରେ ସଙ୍କେତ ସ୍ଥଳକୁ,
ଅପମାନ ଲଭେ ସେହୁ ରମଣୀରତନ
ବିପ୍ରଲବ୍ଧା ବୋଲି ବୁଧେ ଦିଅନ୍ତି ତା ନାମ ।

GPNanda Colln., Digitized by srujanika@gmail.com

ଶ୍ରୀରାଧା — ଗୀତ

ସଜନି ଗୋ ସହିଯିବ କି ଉଦ୍ଧବ ? ଧିକ୍କାର ଚେତନା ଗୋ ।
ବୁଝିବ କିଏସେ ତୋହୁପରି ମୋର ମରମ ବେଦନା ଗୋ । ପଦ
କେ ଅଛି ଅଛୁ ମୋ ହରିବ ଦୁର୍ଗତି
କିଏ ଆଣିଦେବ ଇନ୍ଦ୍ରନୀଳକାନ୍ତି
ତୋର କୃପାବଳେ ହେବ ସିଦ୍ଧ ହେଲେ ନବୀନ ସାଧନା ଗୋ ।୧।
ଦଇବ ପୁରୁଷ କେତେ ଅବିବେକ !
କି ବଜ୍ରର ଭାଙ୍ଗିଦେଲା ମୋର ଟେକ
ସୁଧାଚନ୍ଦ୍ରଖାଇ ଦଶା ହେଲା ଅଛି କି ଅନ୍ତ ଯାତନା ଗୋ । ୨ ।
ଯମୁନାକୁ ଗଲି ଦେବ ବୋଲି ଝାସ,
ବାଧା ଦେଲା ମୋତେ ଶ୍ୟାମ ପ୍ରାପ୍ତି ଆଶ ।
କି ମନ୍ଦ କରମ ବୁଦ୍ଧି ହେଲା ବାମ ଅପୂର୍ଣ୍ଣ କାମନା ଗୋ । ୩ ।
ସେ ରୂପ ବିଳାସ ସେହି ପରିହାସ
ପଡ଼ୁଅଛି ମୋର ମାନସେ ଅନାଶ
ଧରୁଅଛି କର ପଦୁପାଦ୍ମ କର ହରୁ ମୋ ଭାବନା ଗୋ । ୪ ।
ସଙ୍କେତ ଦେଇଗୋ ହେଲେ ଏତେ ପର
ସରମେ ମରମେ ଯାଉଅଛି ମର
ନପାରିବି ସହି ଗୁରୁ ଅପମାନ, ବିରହ ଯାତନା ଗୋ । ୫ ।

ରାଗ—ମଙ୍ଗଳ

ଦୂତୀ— ଗୀତ

କେତେ ମନ୍ଦଭାଗ୍ୟ କଲେ ଅବିବେକ ଯତେ,
କଣ୍ଠ ଦେଇ ନ ଆସିଲେ ଏ ସଙ୍କେତ ସ୍ଥାନେ ।
ଜଣାଗଲା ପ୍ରୀତିପାତ୍ର ଜଣାନାହିଁ ଧନେ ।
କେତେ କଷ୍ଟ ଭୋଗାଇଲେ ସେ ଲୁପ୍ତମ ବାଣେ । ୨ ।

GPNanda Colln., Digitized by srujanika@gmail.com

ଷଟ୍ପଦ ଫୁଲରୁ ଯେତ୍କ ଘ୍ରାଣପୁଟେ ହାଟେ,
ସେମନ୍ତ ପୁରୁଷେ କେହୁ ଖୋଦ୍ଦରକୁ ଅଣେ ? ୩ ॥
କହୁଛେ ଏ ତୁମ୍ଭ ଦୁଃଖ ଶୁଣିବ କେ କାଳେ ?
ଦୁହେଁ ଦ୍ୱାରେ ଶୁଦ୍ଧ ପଡ଼ିଲ ପଦ୍ମାବତୀ । ୪ ॥

ବିରହୋତ୍କଣ୍ଠିତା ଲକ୍ଷଣ

ଆଗନ୍ତୁକୃତଚେତୋପି ଦୈବାନ୍ନାୟାତ ଯତ୍ପ୍ରିୟଂ ।
ତଦନାଗମ ଦୁଃଖାର୍ତ୍ତା ବିରହୋତ୍କଣ୍ଠିତା ତୁ ସା ॥
ଆସିବାକୁ ଚିତ୍ତ କାନ୍ତ କରି ସୁନିଶ୍ଚୟ,
ଦୈବବଶୁ ପ୍ରସ୍ଥାନେ ଶେ, ସେ ହୋଇ ଅଥୟ ।
ବିରହ ଅନଳେ ଜଳ ହୃଦୟ ଭରମ ।
ବିରହୋତ୍କଣ୍ଠିତା ସେହି ନାୟିକାର ନାମ ।

ଦ୍ରୌପଦୀ— ଗୀତ

ଯାମିନୀ ଗଲା ଅଛ ଦେଖିବୁ ନାହିଁ ଅଇଲେ କାହାର ଗୋ ।
କୁଞ୍ଜେ ବସି ରାତି ପୁହାଇଲି ଭେଟ ନୋହିଲା ଆସିବ ଗୋ । ପଦ
ଦେଖିଦେଖି ସେ ସେଜ ଉପର ପ୍ରତିମା ଦେଖ ବାଞ୍ଛି ଦେଲି ମୋ ଦୁଃଖ
ଘୋଟିଗୋ
କେଉଁ ଲୋଭ ପାଶେ ଦେଲି ଏ ଦୁର୍ଲଙ୍ଘ୍ୟ ଯମ ସେ ଚତୁରୀ ଗୋ । ୧ ॥
କାହାର ସହିତେ ଚାଲିଲେ ଏ ମାଧବ ? କାଏ ବଳି ରହି ଅବଳାକୁ ପାଶ
ଦେଖିଲି ସଜନି କର୍ପୂରେ ଏ ଫଟା କପାଳ ଅଛନ୍ତି ଗୋ । ୨ ॥
ଦୀପାଳି ପାଖରେ ଦୀପ ଜଳାଇଲି କର୍ପୂର ଚନ୍ଦନ ସଜାଡ଼ି ରଖିଲି
ଚନ୍ଦନ ବିଫଳ ହେଲା କାହା ପାଖେ କରୁଛ ଶୃଙ୍ଗାର ଗୋ । ୩ ॥
...ଲି ଯେତେ ମାଳା ହେ ଗାନ୍ଥି ରଖି ଚନ୍ଦନ-ସେଜ ଉପରେ ଯାତ୍ରା ଗାଇ
ଦ୍ୱୈତ ସୁବୋଧ ଏ ଅବୋଧ ମନ ଗଳିଛି ନାହିଁ ସହ ଚୋ । ୪ ।

GPNanda Colln., Digitized by srujanika@gmail.com

ଦୂତୀ — ଗୀତ

ରାଗ—ତୋଡ଼ିପରଜ

ଧୈର୍ଯ୍ୟଧର ବନୋଦନ, ତୋ କଶୋଚ,
ଅଛିତେ ଅବଶ୍ୟ ହେଜ ମନ୍ତ୍ରେଣା
ତବ ଶ୍ୟାମ ଗୁଣମଣି ।ପଦ।
ତବ ବେଶରଣ ଫୁଲ ଖଟତଳେ
ଖଟିବେ ଦ୍ୱିବା ଯାଟେଣା,
କର୍ପୂର ବଡ଼ୁଆ ଖିଲ ଖିଲ କର
ଭୁଞ୍ଜାଇବେ ମୁଖେ ପୁଣି । ୧ ॥
ଈଷାରମ ତନ ଚରଣେ ବହିବେ
ବାନ୍ଧିଦେବେ ଚୋଳ୍ପ ବେଣୀ,
କ୍ଷିଳରେ କୁସୁମ ଗଞ୍ଜ ଯେ ଖୋଷିବେ
ହେବ ତାଙ୍କ ରଣ୍ଣମଣି । ୨ ॥
ଯୋଦ୍ଧନେବେ ମନ ଗେଭାଇ ଚେଣ୍ଡାଇ
କହୁ ଛଣା ସୁଧା ବାଣୀ
ଏ ଗୋପ ନଗରେ ଟବାନ୍ଧିବ ସନ୍ଧୁ
ନାଗରୀ ମୁକୁଟ ମଣି । ୩ ॥

ଅଭିସାରିକା ଲକ୍ଷଣ

ଅଭିସାରୟତେ କାନ୍ତଂ ଯା ମନ୍ମଥ ବଶଂବଦା ।
ସ୍ୱୟଂ ବାଭିସରତ୍ୟେଷା ଧୀରୈରୁକ୍ତାଭିସାରିକା ।
ପ୍ରିୟଭାବେ ତନ୍ତ୍ରାବର ଯେ ନାଗରୀବର
କନ୍ଦର୍ପ ବାଣରେ ହୋଇ ଅଶାବ ବ୍ୟଥିତ ।
ବେଶକୁଟା ହୋଇ ସ୍ୱୟଂ ଚଳଇ ସଙ୍କେତେ,
ତାହାଙ୍କୁ ଅଭିସାରିକା କହନ୍ତି ପଣ୍ଡିତେ ।

GPNanda Colln., Digitized by srujanika@gmail.com

ରାଗ—କେଦାର

ଶ୍ରୀମତୀ ଗୀତ

ଧଚୁଅଛଳକର ଯାଉଛନ୍ତି ତାଙ୍କର କୁଷ୍ଣକାଙ୍ଗାକ୍ରଣୀ ମୂର୍ତ୍ତି ଅହି,
ବିରହ ଅନଳ ଦେଉଛନ୍ତି ପ୍ରବଳ ମନ୍ମଥ ମୋହର ହୃଦୟ ଦହି । ପଦ ।
ଯେ ତ୍ରିଭଙ୍ଗଠାଣି ଭଙ୍ଗିଲା ମୋ ଅଣି ପଶିଲା ଅନ୍ତରେ ନପାରିଲି ଜାଣି,
ନବନଟବର ରୂପମନୋହର ସୁଷମା ଉପମା ଭବେ ନାହିଁ । ୧ ।
ଅଛି ତ ମାଧୁରୀ ମଦରେ ଝୁରୁଛି, ମୋହନ ଔଷଧ ତନ୍ତ୍ର ଅଛି ପ୍ରିୟ,
ଯାଉ ନ ଚଳେ ଘାଟେ ଦେଲି ପ୍ରାଣ ଦେଲେ ଆନଗତି ମୋର ଆଉ
କାହିଁ । ୨ ।
କେଉଁ କୁଞ୍ଜେ ହରି ଅଛନ୍ତି ବଟକଳଙ୍କ, ଯାଇ ତୁହି ଅଧ ବେଗେ
ସହଚରି,
କହିଲେ ଦଣ୍ଡେ ହେଲା ବୁଡ଼ିଯିବି ଭେଳା ମୋର ଦୁଃଖଯାକ ଦେବ
କହ । ୩ ।

ରାଗ—କଳହଂସ କେଦାର

ଶ୍ରୀମତୀ ଦୁଃଖ ଦେଖି ଚଳିଲେ ଦୂତୀ,
କହିଲେ ସବୁକଥା ଭେଟି ଶ୍ରୀପତି ତେଣୁ
ଶୁଣି ଧଇଁକିତ ହେଲେ ବଂଶୀବଦନ ।
ମିଳିଲେ ଦୂତୀ ରାଧା ପାଖେ ବହନ ଯେ ।

ଦୂତୀ— ଗୀତ

('କାଳିଆ ରୂପ ତାର ସଜନି କେସେ' ବୃତ୍ତେ)
ପିନ୍ଧ ଗୋ ମାଳଣାଣୀ ହେଲଣି ବେଳ ।
ଅଞ୍ଚଳେ କର୍ପୂର ବାନ୍ଧ ଖେଳ ଗୋ ମଲ୍ଲୀମାଳ । ପଦ ।
ବାନ୍ଧ ଚଉଁରୀ ଚକ୍ରରେ ଶୋଭୁ ଅଳକା ଭୃଙ୍ଗରେ,
(ଦୋହ୍ଲ) କନକ ମୋତି ତହିଁରେ ଶ୍ରବଣେ ନନକ ଫଳ । ୧ ।

GPNanda Colln., Digitized by srujanika@gmail.com

(ବୃକ୍ସା) ନାହା ସୁନ୍ଦର ବେଶରେ ରଞ୍ଜି କଜ୍ଜ୍ୱଳ ନୟନେ
ସିନ୍ଦୂର ବିନ୍ଦୁ ଭାଲରେ କଣ୍ଠରେ କୁସୁମ ମାଳ । ୨ ॥
ମର୍କତ ଚୂଡ଼ି ବାହୁରେ ରତନ ହାର ବକ୍ଷରେ
ରତ୍ନ କଙ୍କଣୀ କଟିରେ ଚରଣେ ରତ୍ନ ନୂପୁର । ୩ ॥

ରାଗ—କଳସା

କିଶୋରୀଙ୍କୁ ବେଶ କରି ତୋଷେ ସଖୀଗଣ,
ହୋଇବ ଜଣିଥେ ପ୍ରଭୁ କରିବେ ଗମନ । ୧ ।
ରଜପାଶେ ହଂସପଙ୍କ୍ତି ମଧ୍ୟେ ବନୋଦ୍ଦେଶ,
ନିଜେ କଲେ ସଙ୍କେତ କୁଞ୍ଜେ କୃଷ୍ଣ ଗୁଣଗୁଣ୍ଡି । ୨ ॥

ବାସକସଜ୍ଜା ଲକ୍ଷଣ

ନାନାବିଭୂଷଣୈର୍ଭୂଷିତଗୃହତାଙ୍ଗୀ ତଲ୍ପେସ୍ଵକାନ୍ତକାଙ୍କ୍ଷିଣୀବିକରୋତି ଯତ୍ନଂ ।
ଯାନାୟିକା ସ୍ଵେନମାର୍ଗାବଲୋକିନେଷା । ଯାକଥ୍ୟତେ ବିବୁଧୈରେବ
ବାସକସଜ୍ଜା

ଫୁଲ ତଳପ ସଜାଇ ହୋଇ ବେଶ ଭୂଷା,
କାନ୍ତ ଆସେନ ପଥ ଗୃହ୍ନିଁ ବଲ୍ଲୋଷା,
ସୁଖ ଲଭିବାକୁ କେତେ କରଇ କଳ୍ପନା,
ବାସକ ସଜ୍ଜାରେ ସେହୁ ହୁଅଇ ଗଣନା ।

ବାସକସଜ୍ଜା

ଝୂଲଣୀ— ଗୀତ

ପଦ୍ମ ପତନେ ବକୁଳ ସୁମନେ ଗାନ୍ଥା ଲମ୍ବି ମାଳା ଝୁଲୁଛି ।
ନବବେଶ ଭୂଷଣେ ସଜାଇ ଅପଘନେ ମନେ ମନେ ବାଳା ଗୁଣ ଗୁଣୁଛି ।
ଦେଇଛି ଜୀବନ ମନ ସଅଁପି ତା ଚରଣେ ।
ପୁଲକେ ଉଠୁଛି ଅଙ୍ଗ ନାନାଭାବ ଚିନ୍ତନେ,

GPNanda Colln., Digitized by srujanika@gmail.com

ମନ କଥା ସକଳ କହେ କେତେ ଯତନ,
କହ କାହା ପ୍ରେମେ ବାନ୍ଧି ହୋଇଛୁ ?
କାହା ସଙ୍ଗେ କେଉଁ ରଙ୍ଗେ ମଜ୍ଜିଅଛୁ ପ୍ରେମଭରେ ?
କିଏ ପକାଇଲା ଫାନ୍ଦେ ଭ୍ରମିଲୁ କା କୁଞ୍ଜରେ ?
କାହା-ପଦରା ଶିରେ ଲଦିହେବୁ ସାଦରେ
ହଠେ ହଠା—ହାର ଗଳେ ପିନ୍ଧିଛୁ ! ୨ ।

ଲଳିତା—   ଗୀତ

("ଶ୍ୟାମନାଗର ହେ ଏ ବେଶ ହୋଇବ କାହିଁ" ବୃତ୍ତେ)

ପ୍ରାଣସଙ୍ଗ ନ ଗୋ, ଅଜଣା ହେଉଛ ଜାଣି,
ଦେଖର ତାଙ୍କର ଜଡ଼ିଛି ପୁଲକ ଶ୍ୟାମକଥା ମନେଗୁଣି । ଘୋଷା ।
ଶ୍ୟାମଶ୍ରୀଚରଣ ତାଙ୍କ ଧ୍ୟାନଜ୍ଞାନ ଶ୍ୟାମ ସେବା ମହାବ୍ରତ ।
ମଧୁଶ୍ୟାମ ନାମ କରି ଜପାମାଳି ହୁଅନ୍ତି ସୁଖୀ ସତତ । ୧ ।
ଶ୍ୟାମ ପ୍ରେମ ଲାଗି ମହାଭାଗ୍ୟବତୀ ବ୍ରଜାବନିତାରତ୍ନମଣି ।
ଧନ୍ୟ ଆମ୍ଭେ ଦାସୀ ତାଙ୍କର ଯା ପ୍ରେମେ ବନ୍ଧା ସେ ମୁରଲୀପାଣି । ୨ ।
ଆସିବେ ସେ ବୋଲି ବନ୍ଦନ ବେଣୀରେ ମଞ୍ଜୁଳା ଗଜଗାମିନୀ ।
ରଚିତ କୁଙ୍କୁମ ସନ୍ଧ୍ୟା ବସିଛନ୍ତି ପଥକୁ ଚାହିଁ ନୟନମାନେ । ୩ ।

ଖଣ୍ଡିତା ଲକ୍ଷଣ

ପାର୍ଶ୍ୱେ ନେତ୍ରପ୍ରିୟେ ଯସ୍ୟା ଅନ୍ୟ ସମ୍ଭୋଗ ଚିହ୍ନିତଃ ।
ସା ଖଣ୍ଡିତେତି କଥିତା ଧୀରୈ ରୀର୍ଷାକଷାୟିତା ।
ଅପର ନାରୀ ସମ୍ଭୋଗ ଚିହ୍ନ ଅଙ୍ଗେ ବହି,
ନାୟକ ନାୟିକା ପାଶେ ଯେବେ ପ୍ରବେଶଇ ।
ତା'ଦେଖି ନାଗରବର ବଢ଼େ ମନେ ରୋଷ,
ଖଣ୍ଡିତା ସେହି ନାୟିକା ବୋଲନ୍ତି ବହୁସ ।

GPNanda Colln., Digitized by srujanika@gmail.com

ଶ୍ରୀରାଧା— ଗୀତ

ଶୁହିଁ ଶୁହିଁ ପାଗଳ ସଖି ।
ନଇଲେ କାଳିଆ ଦାଗି ନଷ୍ଟଗମଛି ।
କାହାନ୍ତି ବ୍ରଜକିଶୋର ନବ ନଟବର ଶ୍ୟାମ,
ପ୍ରୀତିପୁରନ୍ଦର ବନ୍ଧୁ ହେ। ସୁଖ ଆନନ୍ଦ ଧାମ,
ପୀୟୂଷ ହେଲା କି ବିଷ କୁସୁମ ହେଲା କୁଳିଶ ?
କି କରିବି ? କହ ସହି, ନାହିଁ ମୋ ଗତି । ୧ ॥

ଦୂତିକା— ରାଗ—ବଙ୍ଗଳାଶ୍ରୀ

କଳଙ୍କ-କାଳିମା ଚନ୍ଦନ ପଙ୍କସ୍ଥି
ଲେପିଅଛ କଳେବରେ,
ସଂସାରର ନିନ୍ଦା ସ୍ତୁତିକୁ ସମାନ
ଜ୍ଞାନ କରୁଛ ଅନ୍ତରେ,
ଗଙ୍ଗାଜଳ ପରି ନିର୍ମଳ କରୁଛ
ମନକୁ ତୁମ୍ଭର ସହି,
ମାୟାର ବନ୍ଧନ ଦେଉଛ ଗୋ କାନ୍ତ
ପାରିବେ କିଏ ବାନ୍ଧି ରହି ?
ଅପୁଛନ୍ତି ପରା ମଦନମୋହନ
ଶୁଭୁଛି ନୂପୁର ଧ୍ୱନି,
ଏକାଳେ ସେଠାରେ ହୋଇଲେ ପ୍ରବେଶ
ସଧୀରେ ମୁରଲୀପାଣି !

ଶ୍ରୀରାଧା— ରାଗ—ଦେଶାକ୍ଷ

ଶ୍ୟାମ ପଙ୍କଜମୁଖ, ଦେଖି ତୁମ୍ଭଙ୍କୁ ଜାତ ହୋଇଅଛି ଦୁଃଖ ।
ନୀଳକମଳ ନିନ୍ଦେ ରୂପ ଅଙ୍ଗ ଶୋଭା,
ଖଞ୍ଜନ କପାଳେ ଦର୍ପେ କାଁପ୍ରଭା ? ୧ ।

GPNanda Colln., Digitized by srujanika@gmail.com

ଅଧରେ ରଞ୍ଜି ଦେଲ୍ଗ କଏ କଳଙ୍କ ଲ ?
ସିନ୍ଦୂରେ ସୁଶୋଭିତ ଦିଶେ କପାଳ । ୨ ॥
ଗଣ୍ଡେ ତାମ୍ବୂଳ, ଭୁଜେ କଙ୍କଣ ଦାଗ,
ପାଇଥିଲ କେବଣ ନାଗରୀ ବାଗ ? ୩ ॥
ଘାରିଛି ଦିଆ ନଖାଘାତେ ଶରୀର,
ପଡ଼ିଛ ବଶେ କେଉଁ ଚୂଡ଼ା ଭ୍ରମର । ୪ ॥
ଲମ୍ପଟ ଚୋରାମଣି ଅଟ ହେ ହରି,
ନ ରହ କ୍ଷଣେ ବେଗେ ଯାଅ ବାହାରି । ୫ ॥
ଯାଅ ତା ପାଶେ କାଲି ଥିଲ ହେ ଯହିଁ,
ଉଜାଗରେ ନୟନ ରଙ୍ଗ ଦିଶଇ । ୬ ।

କଳହାନ୍ତରିତା ଲକ୍ଷଣ

ଯାଦବେନ୍ଦ୍ର ପତିତେ କାନ୍ତେ ଯାଚମାନଂ ନମ୍ନଷ୍ଠ ।
ତସ୍ମିନ୍ ଗତେନୁତାପାର୍ତ୍ତା କଳହାନ୍ତରିତା ମତା ।
ମାନ ଭଙ୍ଗିବାକୁ କାନ୍ତ ପଡ଼ିଲେ ଚରଣେ,
କରିଣ କ୍ଷମା ପ୍ରାର୍ଥନା ବିନୟ ବଚନେ,
ନ ଭେଟଇ ମନ୍ୟୁ ରୋଷ ଯେ ରମଣୀବର,
କଳହାନ୍ତରିତା ନାମ ଅଟଇ ତାହାର ।

ଶ୍ରୀକୃଷ୍ଣ— ଗୀତ

('ନେତ୍ରାନନ୍ଦ ପୟର' ବୃତ୍ତେ)

କଳିକୁନ୍ତଳା ଗୋ, ପ୍ରୀତିବର୍ଦ୍ଧନା ଗୋ, କ୍ଷମାକର ଦାସ ଦୋଷ ॥
ଦୂରକର ମନ୍ୟୁ ରୋଷ । ପଦ ।
ମଦନ ଦହନେ ସହି, ଧୃଇ କ୍ଷୁଦ ଦହି,
ବଦନ କମଳ ମଧୁ ଦାନରେ ତୋଷ । ୧ ।

GPNanda Colln., Digitized by srujanika@gmail.com

ଯେବେ ମୋଠାରେ କୁପିତ ଦୋଷେ ଦଣ୍ଡ ବହୁତ
କଟାକ୍ଷ ବିଶିଖେ ବିନ୍ଧ ମୋ ଅଙ୍ଗଦେଶ । ୨ ॥
ବାନ୍ଧ ଭୁଜଲତା ପାଶେ ରଣ ଗୋ ସୁଦୃଢ଼ ଦାଶେ
ଦନ୍ତାଘାତ କର ନିଜ ମାନସ ତୋଷ । ୩ ॥
ତୁମ୍ଭେ ସଞ୍ଜୁ ମୋ ଭୂଷଣ ତୁମ୍ଭେ ମୋର ଜୀବନ
ଦୟା ବହି ସୁଧାପୂର୍ଣ୍ଣ ବଚନ ଭାଷ । ୪ ॥

ଶ୍ରୀରାଧା— ଗୀତ

ରାଗ—ପଞ୍ଚମ ବସନ୍ତ

ଧନ୍ୟଦେ ପ୍ରୀତି ଲମ୍ପଟ ତନୁ ଗୋଟିକ କପଟ
ଦୟା ମାୟା ଜାହିଁ ହୃଦେ ଭଳେ ।
ପଶିବା ପାଇଁ ଶରଣ ଧରିଲେ କରେ ଚରଣ
ପ୍ରହାର ତ କର ଶେଷେ ଶିରେ ହେ,
ଶ୍ୟାମବନ୍ଧୁ, ଏତେଦିନେ ଗଲି ଚିହ୍ନି ଜଣା
ଅଣାୟତ୍ତେ ପଥ ଦେଖି ବଣା ।
କଠିନ ପୁରୁଷ ପ୍ରାଣ ଅଶନିରୁ ବଳି ଜାଣ
ବଚନ୍ତି ତାହାଙ୍କ ବୁଦ୍ଧିମଣା ହେ । ୧ ॥

ଯାହାତ ହେଲା ଏଥିକ ନ୍ଦାର ତବ ପ୍ରୀତିକ ଏପରି ହେ, ବିଶ୍ୱାସ ଘାତକୀ; ଅଖଣ୍ଡ ବିଶ୍ୱାସ କଲି ବିବେକ ପଥ ନ୍ଧନକି ଅବଛନ୍ତି ଆପେ ଅଙ୍ଗୀକାର୍ଯ୍ୟ ହେ । ଶ୍ୟାମବନ୍ଧୁ । ମଧୁଲିଟ ବଳ ଭୁମ୍ଭ ପ୍ରୀତି ଦେଖାଇଲ ଆଗେ ସୁଧାପ୍ରୀତି—ଶୀରେ ଦେଲ ଖୀର ଭର ମରେ ମୁଁ ଗଲି ସର ଅଚରିଲି କେମନ୍ତ ଅନାଭ ହେ । ୨ । ସାଧୁତ ହେନ୍ତି ଦାଉ କେବଳ ବିଶ୍ୱାସ ଅଛି ଅହିଅଛ ପାଶେ ମୋର ଅଙ୍ଗ ॥ ତୁମ୍ଭଲାଗି ମୋର ସୁନା ଦେହ ଖିନା ହେଲା ତୁନା, ନ ମାଡଲି ବିକଳ କ କାନ୍ଦେ, ଶ୍ୟାମବନ୍ଧୁ । ଶ୍ରୀପଦ୍ମରେ ବନିତି ଅପ ହେ ଏଡ଼କ

GPNanda Colln., Digitized by srujanika@gmail.com

ଅଭି ମୋ କଳଙ୍କ । ଶତ ଯତ୍ନେ ଯଦି ଯିବ ନାହିଁ, ତୁମ୍ଭେ ବଡ଼ ଧୂର୍ତ୍ତ
ଦୋଷ ଯାଇ ମୋ ଉପରେ ଲଗାଅ ହେ । ୩ ॥

ଶ୍ରୀକୃଷ୍ଣ— ଗୀତ

(ପଥ ଛାଡ଼ ଦେ ମୁଁ ଯିବ ଫୁଲ ତୋଳି-ବୃତ୍ତେ)

ଏତେଦିନେ ସବୁ କଥା ଜଣାଗଲା ଅରେ ପ୍ରେମଶୀଳା ।
ସ୍ୱର୍ଗ-ସମ୍ପଦ-ଭଣ୍ଡାର ଲୁଟି ନେଲୁ ।
ପ୍ରାଣରୁ ଅଧିକ ଥିଲି କରି   କି ବିଗୁଣ ଦେଲୁ ପଦକରି
ଟେକାମାଳା ହୋଇ କାଟିଦେଲୁ ଗଳା   ବୁଡ଼ିଲି ଅଗାଧ-ଜଳେ
ହେଳା । ୧ ।
ଜାଣି ନ ଥିଲି ମୁଁ ତୋର ମନ,   ବଳି ଦେଇଥିଲି ଏ ଜୀବନ
ପୃଥ୍ୱୀ ପତନ ଭାଙ୍ଗି ଦେଲୁ ଯେତେଣେ   ଭଲ ଲାଗିବ କଣ ଶିଖାଇଲୁ । ୨ ॥
ଥିଲା ତୋର ହୃଦେ ଏତେ ଛନ୍ଦ   ଭାଙ୍ଗି ଦେଲୁ କ୍ଷଣେ ପ୍ରେମ ବନ୍ଧ
ଅମୃତ ଭଣ୍ଡରେ ଗରଳ ଢାଳିଲୁ   ରଚିଲୁ କି ବଡ଼ ଲୀଳା । ୩ ।
ନାଶିଲୁ କପାଳ ମୋର ଯେତେ   ସେଥିଲାଗି ହେଲି ଦଣ୍ଡହତା
କୋମଳ ହୃଦେ ବିଷମ ଆଘାତ ସହିବ କେମନ୍ତେ   କହଭଲି ? ୪
ନ ଶୁଣିଲୁ ଥରେ ଟେକ ମୁଖ   ପୃଷ୍ଠକାଳେ ଦେଲୁ ଘୋର ଦୁଃଖ
ଏହା ହିଁ ଦିନ ନସରିବ ଏବେ   କର୍ମେ ଏହା ବିଧି ଲେଖିଥିଲା ॥

ଶ୍ରୀରାଧା— ଗୀତ

ତୁମ୍ଭ—କଥା ମାନ   ନ ଆସିବ କୁଞ୍ଜେ
ଏ ମୋର ଧ୍ରୁବ ବଚନ ଗୋ
ଅଦ୍ୟଠାରୁ କେବେ   ନ ଧରିବ ମୁଖେ
ହେ ଘନଶ୍ୟାମଙ୍କ ନାମ ଗୋ
ଶ୍ୟାମ ଦ୍ରବ୍ୟ ନ ହେରିବ
ମନକଥା ମନରେ ମାରିବ ଗୋ । ୧ ॥

GPNanda Colln., Digitized by srujanika@gmail.com

କାତନ—ପାଳନା   ଚହୁର ନାଁରବେ
ନ କହିବ କାହା ପାଶେ ଗୋ
ମରମ ବେଦନା   ମନ୍ଦେମେ ରଖିବ
ସଦା ରହିଥିବ ବାସେ ଗୋ
ଗଲେ ଯମୁନା ପଲ୍ଲେ
ନଗ୍ରୁଛିବ ସେ କଦମ୍ବ ତଳେ ଗୋ । ୨ ॥

କା କା ଅଭିସାରିକା.

ଭ୍ରମର ରବ ମାତ୍ରେଣ ରାଧିକା ପ୍ରେମ ଲୁବ୍ଧା
ବଳକିତ ମନ ନେତ୍ରଃ ଯାନ୍ତି ରାଧା ର କୁଞ୍ଜେ

ରାଗ—ରାମକେଶୀ

ବୃଷଭାନୁ ରାଜ ନନ୍ଦିନୀ   ବ୍ରଜେଶ୍ୱରୀ କିଶୋରୀ ।
ଭ୍ରମର ଝଙ୍କାର ଶୁଣିଣେ   ପ୍ରେମେ ଦେଲେ ଅଭିସାରୀ । ୧ ॥
ପୁଲକିତ ପ୍ରେମ ମାନସ   ନେତ୍ର ଘେନି ଭାଙ୍କନ,
ଚଳିଲେ ନିକୁଞ୍ଜ କାନନେ   ଯହିଁ ନାଗରବର । ୨ ॥
କଦମ୍ବ ପାଦପ ଗହ୍ୱା   ଚେତଃ ଶୁକପିକାନ୍ୱିତା ।
ନବ ଶାଖ ପଂକ୍ତି ମନୋହା   ଲୁବ୍ଧ ମଧୁକରଂ ଯୁତା ।
କୁଞ୍ଜରାଜସ୍ଥିତ ଶ୍ରୀହରିଦେବ   ରାଧା ପ୍ରେମବନ୍ତା ।
ଭୂତଳରେ ଛିଳ ପଡ଼ିଲେ ପ୍ରେମେ ଦଣ୍ଡବତ ନମା । ୩ ॥
କାକ ପିକ ଶୁକ ଯେତେକ ଥିଲେ ନୀପ ବୃକ୍ଷରେ ।
ଦେଖି ଧୁନି ଧାଇ ଅନନ୍ଦେ ଯହିଁ ମିଳିଲେ ଏବେ । ୪ ॥
କାକେନ ଭଣିତଂ କିଂ ପ୍ରାଣନାଥ ଶରଣ୍ଡଂ ।
ଶ୍ରୀଂ କାତର ପତଭାର୍ଯ୍ୟାଂ   ଆତ୍ମ ପ୍ରାଣ ବନ୍ଧୁଂ ପ୍ରନଂ ।

GPNanda Colln., Digitized by srujanika@gmail.com

ରାଗ—ଅଷାଢ଼ଶୁକ୍ଳ

ଦେଖି ଏହା କାକ ବୋଲେ ବଚନ । ତେଜିଲ କିପାଇଁ କହ ଜୀବନ ? ନପାଇଣ ପଶୁ ଜୀବନଧନ । ତାହରେ ହୋଇଲି ଗତ ଏହନ । ବିଧାତା ବିଧାନ, କେଉଁ ଶକ୍ତିମାନ କରିବ ଆନ ।୧।

ଅନ୍ଦ୍ୟେନ ଭକ୍ଷ୍ୟତାଂ ଚକ୍ଷୁ ବାୟସାନାଂ ପ୍ରକୃତଯ୍ୟେ
ତସ୍ୟ ଶ୍ରବଣ ମାତ୍ରେଣ ଇହ ଜଲାଭିଜାୟତେ ।

ଉତ୍ତରଇ କାକ ମନେ ଏମନ୍ତେ । ସୁଭୋଜନ ଅଜ ମିଳିଲା ମୋତେ । କରିବ ପ୍ରଥମେ ଚକ୍ଷୁ ଭକ୍ଷଣ । ତଦନନ୍ତେ ପୁଣି ନାସା ଶ୍ରବଣ । ଏମନ୍ତ କାଳରେ । ମିଳିଲେ ଦୂତିକା ଯାଇ ସେଠାରେ ।୨।

ଯେନ କୃଷ୍ଣ ପ୍ରସାଦେନ ଗୋପିକା ଗୋପମଣ୍ଡଳେ
ତେନ କୃଷ୍ଣ ତ୍ୟକ୍ତଦୃଷ୍ଟ୍ୱା କମର୍ଥଂ ପ୍ରାଣରକ୍ଷଣଂ

ବାୟସକୁ ଶୁଣି ଦୂତୀ ବୋଲନ୍ତି ବଚନ,
ଶ୍ୟାମନାଗର ବିଚ୍ଛେଦେ ଦୁର୍ଗତି ଏସନ ।
ଯାହା ପ୍ରସାଦରୁ ଗୋପିକା ଏ ଗୋପମଣ୍ଡଳେ,
ରହିବ କପଟ ପ୍ରାଣ ସେ ତ ଛାଡ଼ିଗଲେ ।
କି କରିବ କଷ୍ଟ ମୋତେ ବୁଦ୍ଧି ଦିଶୁନାହିଁ,
କପଟ ଭେଟିବ ନନ୍ଦ ସୁତ ପାଇଁ ମୁହିଁ ?

ସଖୀ ଉଦ୍ଧବଦୂତା ମଣ୍ଡା ଉଦ୍ଧୁକୀ ବେଶଧାରସ୍ୟେତ୍
ଗମନଂ ମଥୁରାପ୍ରେଣ କେଶବଂ ତବ ଦର୍ଶନେ

ଏମନ୍ତ ଦେଖିଣ ସେ ସହଚରୀ । ବାହାରିଲେ ଉଦ୍ଧବଙ୍କ ବେଶଧରି, ଅଖୀର ବିରହେ ହୋଇ ଉଚ୍ଛନ୍ନ । କରନ୍ତି ମଧୁପୁରକୁ ଗମନ । ହୃଦୟ ଚଞ୍ଚଳ । ଭେଟିବା ନିମନ୍ତେ ଯଶୋଦାବାଳେ ।

ଶାଟ୍ରେଣ ଚଳିତା ଦୂତୀ ମାର୍ଗେଣ ବୃନ୍ଦନାୟିକା,
ପୃଚ୍ଛିତ ଗୋପୀନାଥସ୍ୟ କେନ ସ୍ଥାନେ ପ୍ରବର୍ତ୍ତିତେ ।

GPNanda Colln., Digitized by srujanika@gmail.com

ଧଇଣ ବୃଦ୍ଧାନାୟିକା ବେଶ ସହଚରୀ,
ଚଞ୍ଚଳ ଚରଣେ ଗଲେ ମଥୁରା ନଗରୀ ।
ପଚାରନ୍ତି ଯାହାକୁ ସେ ଦେଖନ୍ତି ନୟନେ,
ଗୋପୀନାଥ ରହିଛନ୍ତି କେବଣ ଭୁବନେ ।

ଗୋପୀନାଥଂ ନଜାନାମି କେନ ରୂପଂ ସ୍ୱରୂପକଂ
କାସା ରାଧା କୋଽସୌ କୃଷ୍ଣ ଅଜ୍ଞାତାଃ ମଥୁରା ଜନାଃ ।

ତା ଶୁଣି ମଥୁରାବାସୀଏ କଲେ ଉତ୍ତର ଦାନ,
କିଏ ରାଧା କିଏ କୃଷ୍ଣ ଗୋ ଜାଣୁନାହିଁ ଏମାନ ।
ଗୋପୀନାଥ କିଏ କହଗୋ ତାଙ୍କ ରୂପ କିପରି,
ନଜାଣୁ ତାହାଙ୍କୁ, ତାଙ୍କ କଥା ଶୁଣି ସେ ସହଚରୀ ।

କଂସନାଶନ ନାମାନ୍ତ ପୃଚ୍ଛାମି ମେକ ଯାମହଂ
ବ୍ରୂୟତାଂ ତଥ୍ୟ ବାର୍ତ୍ତାନ ସାନନ୍ଦଂ ଗମନଂ ଭବେତ୍ ।

ଦୂତିକା ବୋଲନ୍ତି କଂସ ନୃପବରେ ନାଶ କରିଥିଲେ ଯେହ୍ନୁ,
କେଉଁଠି ଅଛନ୍ତି କହ କୃପାକରି ଆମ୍ଭ ଗୋପୀନାଥ ସେହ୍ନୁ ।
ମଧୁପୁରବାସୀ ଶ୍ରବଣେ ଏସନ ବୋଇଲେ ଯାଅ ବହିନ,
କୁବୁଜାଭୁବନେ ଅଛନ୍ତି ସେଠାର ଲଭିବ ତାଙ୍କ ଦର୍ଶନ ।
ଶୁଣି ସହଚରୀ ଆନନ୍ଦମନରେ ଚାଲିଗଲେ ତହିଁ ଘରେ,
ଉପରି ଗୋପର ଖବର କହିବେ ସ୍ଥିର କରି ଅନ୍ତରେ ।

କୁବୁଜାୟାଃ ଗୃହଂ ଗତ୍ୱା କୃଷ୍ଣକ୍ ସେନଂ ସୁଦର୍ଶନଂ
ତଥ୍ୟଂ ସର୍ବଂ ସମାଗ୍ରହଂ ଉଦ୍ଭ୍ରମଂ ଗୋପଯାତୃତେ ।

କୁବୁଜା ମନ୍ଦିରେ ମିଳିଲେ ଦୂତୀ । ଦେଖିଲେ ସେଠାରେ ଛନ୍ତି
ଶ୍ରୀପତି । ୧ ।

ତାହାଙ୍କୁ କହିଲେ ଗୋପଖବର । ଶୁଣି ଗୋପୀନାଥ ହେଲେ
କାତର । ୨ ।

ଗୋପ ଯିବାପାଇଁ କଲେ ମନ । ବାହାରିଲେ ତହିଁ ସେ
ତତକ୍ଷଣ । ୩ ।

GPNanda Colln., Digitized by srujanika@gmail.com

ତତୋମାତ୍ୱୈଃ କୃତଂ ଜାତଂ ତ୍ୟକ୍ତରୂପଂ ସ୍ୱରୂପକଂ
ତତ୍ସ୍ୱଭାବଂ କସ୍ୟଚିତ୍ତେନଂ ପୂର୍ଣ୍ଣବ୍ରହ୍ମ ସନାତନଂ

ମାନୁଷରୂପ ଘୁଞ୍ଚି ଗଲେ ଏବେ । ଚଳିଲେ ସାନନ୍ଦେ ଶ୍ରୀକୃଷ୍ଣ ସଙ୍ଗେ । ୪ ।

ହୋଇଛନ୍ତି ବନାନ୍ତରେ ଯାଇ । ପୂର୍ଣ୍ଣବ୍ରହ୍ମ ହରି କୃପାସାଗର ॥
ସେହି କିଶୋରୀ ପାଶେ ହୋଇ ପ୍ରବେଶ । ଦେଖି ସେ ଦୁର୍ଦ୍ଦଶା ହେଲେ ବିରସ । ୫ ॥

କୃଷ୍ଣଅଙ୍ଗ ଗନ୍ଧ ପାଇ ସ୍ୱୟଂଶ । ଲଭିଲେ ଚେତନା ରାଧାକୁମାରୀ ॥

ଯଥା କୃଷ୍ଣ କୌଞ୍ଜସ୍ୟ କାଦମ୍ବତଲ ଲମ୍ପଟଂ ।
ଧ୍ୟାୟତାଂ ଅତ୍ୟୋସ୍ୱେଦେଣ ନମାମି ସ୍ୱପୃଷ୍ଠିଖଂ ।

କିଶୋରୀଙ୍କୁ ଦେଖିଲେ ଦେହଣ ଧରି । ଅଦ୍ଭୁତ ରୂପଟି ବନସ୍ତ କରି ।

କଦମ୍ବତଳରେ ହୋଇ ମିଳିତ । ପୁଣି ଯିବାପାଇଁ ହେଲେ ଉଦ୍ୟତ ।

ସଖୀମାନଙ୍କ ପାଶୁ ନେଲେ ମେଲାଣି । ଚଳିଲେ ସଦନେ ସୁ ଲକ୍ଷଣା ।

ଧ୍ୟାନେ ଦେଖି ଧାମ୍ନି ଯୁଗଳ ମୂର୍ତ୍ତି । ନମେ ପଦ୍ମପାଦେ ଏ ଦୁଷ୍ଟମତି

ବୃନ୍ଦାବନେ କେଳିରସଂ ରାଧିକା ମାନଭଞ୍ଜନଂ ।
ମଥୁରା ପ୍ରବେଶ ମାତ୍ରେଣ କୁବୁଜା ଗୃହମାଗତଃ ।

ବିନୋଦ ବିହାରୀ ହରି ଶ୍ରୀବୃନ୍ଦାବନରେ,
କେଳି ରସ ସାରି ଗଲେ ହରଷ ମନରେ । ୧ ।
ଦୂତୀଙ୍କର ରାଧା ହୃଦ ବେଦନା ଘୋଷଣେ,
ମିଳିଲେ ମଥୁରା ପୁରେ କୁବୁଜା ଭୁବନେ । ୨ ।
ସେହି କିଶୋରୀ କିଶୋରଙ୍କ କମଳ ଚରଣେ ।
ବନ୍ଦିଥାଇ ନତ ମୋର ନିଦ୍ରା ଜାଗରଣେ । ୩ ।

GPNanda Colln., Digitized by srujanika@gmail.com

ବିଜ୍ଞାପନ ।

ଛନ୍ଦ ଭଦଙ୍ଗ (ସମ୍ପୂର୍ଣ୍ଣ)	ଟ ୪ ୵	ଚୈତନ୍ୟଚରିତାମୃତ	ଟ ୪ ୵
ସଚିତ୍ର କୋଟିବ୍ରହ୍ମା ସୁନ୍ଦରୀ		ମାଧବକର ନିଦାନ	ଟ ୧ ୵
ଲତ୍ତମ ଛଳ ବନ୍ଧାଇ	ଟ ୲୶	ମୈଥୀୟ ମୁକ୍ତାବଳୀ	ଟ ୦ ୳
ମଞ୍ଜିବିନୋଦ	ଟ ୦ ୵	ଉଦ୍ଧିକୌତୁକ ୧ମ ଖଣ୍ଡ	ଟ ୦ ୶
ଅମରକୋଷ [ବନ୍ଧାଇ]	ଟ ୧ ୵	ମାର୍କଣ୍ଡେୟ ପୁରାଣ	ଟ ୧ ୵
ବଦ୍ଧି ସ୍ୱାଧନ	ଟ ୦ ୳	ଶୂନ୍ୟସଂହିତା	ଟ ୦ ।
ବେତାଳପଞ୍ଚବିଂଶତି	ଟ ୦ ।୶	ଶୂନ୍ୟସ୍ୱରୋଦୟ	ଟ ୦ ।
ସଚିତ୍ର ଚୋରି	ଟ ୦ ।୵	ଚନ୍ଦ୍ରକାବ୍ୟଚନ୍ଦ୍ରୋଦୟ	ଟ ୧ ୧ ୵
ମଥୁରାମଙ୍ଗଳ	ଟ ୦ ।/	ଦେବୀପୁରାଣ [ସଚିତ୍ର]	ଟ ୨ ୵
ବିଷ୍ଣୁ ପୁରାଣ	ଟ ୦ ।/	ଶ୍ରୀନିବାସଦୀପିକା	ଟ ୧ ୵
ଅନଙ୍ଗମଞ୍ଜରୀ	ଟ ୦ ୳	ମହାନାଟକ [ବନ୍ଧାଇ]	ଟ ୧ ୵
କୀର୍ତ୍ତିକଥାମୃତ	ଟ ୦ ୳	ପ୍ରସ୍ତାବସିନ୍ଧୁ	ଟ ୦ ।୶
ବୈଶାଖ ମହାତ୍ମ୍ୟ	ଟ ୦ ।୶	ସାମୁଦ୍ରିକ	ଟ ୦ ୶
ସଚିତ୍ର ଗୀତଗୋବିନ୍ଦ	ଟ ୦ ।/	ମୁଗଲରସାମୃତଲହରୀ	ଟ ୦ ୶
ଲୁଚକେଳି	ଟ ୦ ୶	ଚୌରଚିନ୍ତାମଣି	ଟ ୦ ୳
ଅଙ୍ଗଦପଞ୍ଜି	ଟ ୦ ୶	ନାମରତ୍ନଗୀତା [ବୃହତ୍]	ଟ ୧ ୦
ଅଳଙ୍କାର ବୋଲି	ଟ ୦ /	ଜାତକାଳଙ୍କାର	ଟ ୦ ।
ଜ୍ଞାନସାର ଗୀତା	ଟ ୦ ୶	କାଳିଦାସକଥା	ଟ ୦ ।
ହନୁମାନପ୍ରଶ୍ନ	ଟ ୦ ୶	ହଂସଦୂତ	ଟ ୦ ।

କାହ୍ନୁ ଟେଲ ଷ୍ଟୋର,
ପୋ: ଅ: ଚୌଧୁରୀବଜାର, କଟକ ।

GPNanda Colln., Digitized by srujanika@gmail.com